# ତହସିଲ କାର୍ଯ୍ୟାଳୟ, ଭୁବନ , ଜିଲ୍ଲା - ଢେଙ୍କାନାଳ

## ସଂଖ୍ୟା ୧୨୭୨/ତାରିଖ ୦୮.୦୪.୨୦୨୧

## ଲଘୁ ଖଣିଜ ସକାଶେ ଦୀର୍ଘ ମିଆଦୀ ଲିଜ୍ ଇସ୍ତାହାର

(OMMC Rules 2016 ଅନୁଯାୟୀ)

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ **ଭୁବନ** ତହସିଲ ଜିଲ୍ଲା : ଢେଙ୍କାନାଳ ଅନ୍ତର୍ଗତ ନିମ୍ନ ପ୍ରଦର୍ଶିତ ଲଘୁ ଖଣିଜ ଖାଦାନ ଗୁଡିକର ଦୀର୍ଘମିଆଦି ସୂତ୍ରେ ଆସନ୍ତା ୫ ( ପାଞ୍ଚ) ବର୍ଷ ନିମନ୍ତେ ନିଲାମ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଇଚ୍ଛୁକ ବ୍ୟକ୍ତି ବିଶେଷ /ଅନୁଷ୍ଠାନ OMMC Rule Chapter-IV ଧାରା ୨୭ ଅନୁଯାୟୀ ନିର୍ଦ୍ଧାରିତ ଫର୍ମରେ ସମସ୍ତ ତଥ୍ୟାବଳି ପୂରଣ କରି ଆସନ୍ତା ତା.୨୭.୦୪.୨୦୨୧ ଅପରାହ୍ନ ୫.୩୦ ସୁଧା ; ତହସିଲ **କାର୍ଯ୍ୟାଳୟସ୍ଥ** ଟେଣ୍ଡର ବାକ୍ସ ରେ ଦାଖଲ କରିବେ । ଧାର୍ଯ୍ୟ ତାରିଖ ଓ ସମୟ ବ୍ୟତିରେକ କୌଣସି ଦରଖାସ୍ତ ବିଚାରକୁ ଗ୍ରହଣ କରାଯିବ ନାହିଁ । ଉକ୍ତ ବିଜ୍ଞାପନ ସମ୍ବନ୍ଧୀୟ କୌଣସି ତ୍ରୁଟି ସଂଶୋଧନ କରିବା କ୍ଷମତା ପ୍ରାପ୍ତ ଅଧିକାରୀ ଙ୍କ ନିକଟରେ ଅଛି। ତା ୨୮.୦୪.୨୦୨୧, ତା.୦୫.୦୫.୨୦୨୧ ଓ ତା.୧୨.୦୫.୨୦୨୧ ରିଖ ମାନଙ୍କରେ ନିଲାମ ନିମନ୍ତେ ପ୍ରାପ୍ତ ଦରଖାସ୍ତ ଗୁଡିକ ର ଖୋଲାଯିବା ନିମନ୍ତେ ସ୍ଥିର କରାଯାଇଅଛି । ସଇରାତ ଉତ୍ସଗୁଡିକର ନିଲାମ ନିମନ୍ତେ ସବିଶେଷ ତଥ୍ୟାବଳି ଜିଲ୍ଲା ୱେବସାଇଟ www.dhenkanal.nic.in ମାଧ୍ୟମରେ କିମ୍ବା ଛୁଟି ଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ ଅଫିସ ସମୟରେ ତହସିଲ କାର୍ଯ୍ୟାଳୟ ଭୁବନ ଙ୍କ ମାଧ୍ୟମରେ ଉପଲବ୍ଧ ହେବ ।

**ଲଘୁ ଖଣିଜ ସକାଶେ ବର୍ଷିଆ ଦୀର୍ଘ ମିଆଦି ଲିଜ ନିମନ୍ତେ ସଇରାତ ବିବରଣୀ ଭୁବନ ତହସିଲ -**

| କ୍ରମିକ ନଂ | ଲଘୁ ଖଣିଜ ଉତ୍ସର ନାମ | ମୌଜା | ଖାତା | ପ୍ଲଟ | ରକବା )in acre) | ସର୍ବନିମ୍ନ ବାର୍ଷିକ ଗ୍ୟାରେଣ୍ଟେଡ ପରିମାଣ (MGQ) | ଅତିରିକ୍ତ ମୂଲ୍ୟ (Additional charge per Cm) |
|---|---|---|---|---|---|---|---|
| ୧ | ୩ | ୪ | ୫ | ୬ | ୭ | ୧୧ | ୯ |
| ୧ | ପୁରସ୍ତମପୁର ବାଲି ଖାଦାନ | ପୁରସ୍ତମପୁର ବାଲି ଖାଦାନ | ୨୪୬ | ୨୭୬୨ | ୧୨.୫୦ | ୧୮୦୦୦ | ୬୫ |
| ୨ | ଏକତାଳି (ଖ) ରୋଡ ମେଟାଲ ଖଦାନ | ଏକତାଳି (ଖ) | ୧୫୪ | ୧୧୩ | ୨.୭୯ | ୧୦୦୩୭ | ୬୫ |

ସ୍ୱା : ତହସିଲଦାର, ଭୁବନ

# ତହସିଲ କାର୍ଯ୍ୟାଳୟ, ଭୁବନ

**ସଂଖ୍ୟା** 1270 **/ ତାରିଖ** 08. 04. 2021

**ଲଘୁ ଖଣିଜ ସକାଶେ ଦୀର୍ଘ ମିଆଦି ଲିଜ୍ ଇସ୍ତାହାର**

(OMMC Rules 2016 ଅନୁଯାୟୀ)

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ **ଭୁବନ** ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ଲଘୁ ଖଣିଜ ଖଦାନ କୁ ଆସନ୍ତା ୫(ପାଞ୍ଚ) ବର୍ଷ ଅର୍ଥାତ (From the year 2020-21 to 2024-25) ଆର୍ଥିକ ବର୍ଷ ନିମନ୍ତେ ଲିଜ୍ ପାଇଁ ନିମ୍ନ ସାରଣୀ ମୁତାବକ ତହସିଲଦାର **ଭୁବନ**ଙ୍କ ଦ୍ୱାରା ବନ୍ଦ ଲଫାପା ଟେଣ୍ଡର ମାଧ୍ୟମରେ ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ବିଶେଷ ଓଡ଼ିଶା ଲଘୁ ଖଣିଜ ରିହାତି ଆଇନ, ୨୦୧୬ (OMMC Rules 2016) ର "Form – M" ରେ ସବିଶେଷ ତଥ୍ୟ ପୂରଣ କରି ଏହାର ତିନି କପି ସହ ନିମ୍ନ ଲିଖିତ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାପା ଉପରେ ସୈରାତ ଉତ୍ସ ନାମ ଓ ମକଦମା ନଂ ( Case no ) ଲେଖି ଆବେଦନ କରିବେ ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା .୨୭.୦୪.୨୦୨୧, ୦୪.୦୫.୨୦୨୧, ୧୧.୦୫.୨୦୨୧ ରିଖ ଯଥାକ୍ରମେ ୧ମ , ୨ୟ ଓ ୩ୟ **ପର୍ଯ୍ୟାୟରେ** ଅପରାହ୍ନ ୫ ଘଣ୍ଟା ୩୦ ମିନିଟ ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା ନିଲାମ ବାକ୍ସରେ କିମ୍ବା ରେଜେଷ୍ଟ୍ରି ପୋଷ୍ଟ କିମ୍ବା ସ୍ପିଡ଼ ପୋଷ୍ଟ ମାଧ୍ୟମରେ ଦାଖଲ **କରିପାରିବେ** । ସମସ୍ତ ପ୍ରାପ୍ତହୋଇଥିବା ବନ୍ଦ ଲଫାପାଗୁଡ଼ିକ ତା **୨୮.୦୪.୨୦୨୧** ପୂର୍ବାହ୍ନ ୧୧ ଘଣ୍ଟା ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧ ଙ୍କ ଉପସ୍ଥିତିରେ ଖୋଲାଯାଇ ଦରଖାସ୍ତ ଗୁଡିକ ତନଖି କରାଯିବ ଏବଂ Additional Charge ର ସର୍ବୋଚ୍ଚ ଦର ଧାର୍ଯ୍ୟ ଉଲ୍ଲେଖ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ଅସଂପୂର୍ଣ୍ଣ ଦରଖାସ୍ତ ଗୁଡ଼ିକ ଖାରଜ କରାଯିବ। ଯେଉଁ ସୈରାତ ଉତ୍ସଗୁଡିକ ଉପରୋକ୍ତ ତାରିଖରେ ଲିଜ ପାଇଁ ଚୁଡାନ୍ତ ହୋଇନପାରିବ ସେହି ସୈରାତ ଗୁଡ଼ିକ ପୁନଷ୍ଚ ପରବର୍ତ୍ତୀ ତା. ୦୫.୦୫.୨୦୨୧ ଓ ୧୨.୦୫.୨୦୨୧ ରିଖ ପୂର୍ବାହ୍ନ ୧୧ ଘଣ୍ଟା ସମୟରେ ନିଲାମ ହେବ ।

୦୧. ଦରଖାସ୍ତ ଫି ସକାଶେ ଟ ୧୦୦୦.୦୦ ( ଏକହଜାର ଟଙ୍କା ) ର ଟ୍ରେଜେରୀ ଚାଲାଣ (ଫେରସ୍ତ ଯୋଗ୍ୟ ନୁହେଁ) ।

Chalan( Head of Account):-"0853-Non-Ferrous Mining and Metallurgical-102-Mineral Concession fees, Rent and Royalties-0217-receipts under Orissa Minor Mineral Concession fees(New)-02021-collection of fees, rents and royalties(New)".

୦୨. ଆବେଦନକାରୀ ଅମାନତ ରାଶି ସ୍ୱରୂପ ରୟାଲଟି ଏବଂ Additional Charge, MGQ ର ବାର୍ଷିକ ୫% ଯାହାକି ଡ଼ିମାଣ୍ଡ ଡ୍ରାଫ୍ଟ (DD) ତହସିଲଦାର **ଭୁବନ** ସପକ୍ଷରେ ଥାଇ ବନ୍ଦ ଲଫାପାରେ ଦରଖାସ୍ତ ସହିତ ସଂଲଗ୍ନ କରିବା ଆବଶ୍ୟକ ଅଟେ ।

୦୩. ଆବେଦନ କରିଥିବା ଲିଜ୍ ଜମିର ସମ୍ପୂର୍ଣ୍ଣ ବିବରଣୀ ଓ ନକ୍ସା ।

୦୪. କୌଣସି ମାଇନିଙ୍ଗ ତଥା ରାଜସ୍ୱ ପାଉଣା ବାକି ନଥିବା ନେଇ ଏକ ସତ୍ୟପାଠ ।

୦୫. ଆବେଦନ ଜମି ଯଦି ରୟତି ହୋଇଥାଏ , ତେବେ ସେହି ଜମିର ମାଲିକଙ୍କ ସହମତି ।

୦୬. ଆବେଦନକାରୀ ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (Minimum Guaranteed Quantity) ନିମନ୍ତେ ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲଟି ପରିମାଣର ସଲଭେନସି ସାର୍ଟିଫିକେଟ ଅଥବା ବ୍ୟାଙ୍କ ପ୍ରତ୍ୟାଭୂତି (Bank Guarantee) (ଯାହାର ଅବଧି ଅନ୍ତତଃ ୪୦ର ମାସ ହେବା ଆବଶ୍ୟକ ) (requisite extent of solvency certificate or bank Guarantee= Minimum Guaranteed Quantity (MGQ) × ( offered Additional charges + Royalty ) ତହସିଲଦାର **ଭୁବନଙ୍କ** ସପକ୍ଷରେ ଦାଖଲ କରିବା ସଙ୍ଗେ ସଙ୍ଗେ ଚଳିତ ବର୍ଷର IT Return ଦାଖଲ କରିବେ ।

୦୭. ଅନ୍ୟ ବିବରଣୀ ଯଥା, ବୈଷୟିକ ଜ୍ଞାନ, ଦକ୍ଷତା, ଆର୍ଥିକ ସ୍ଥିତି ଏବଂ ନିଜ ପାଖରେ ଥିବା ଯନ୍ତ୍ରପାତିର ବିବରଣୀ ଦାଖଲ କରିବେ।

୦୮. ଚଳିତ ବର୍ଷର G.S.T Clearance ସାର୍ଟିଫିକେଟର ନକଲ ।

୦୯. **ଭୋଟର ପରିଚୟପତ୍ର କିମ୍ବା ଆଧାର ପରିଚୟ ପତ୍ର ର ନକଲ ପ୍ରଦାନ କରିବେ ।**

**ପୂର୍ବ ନିଲାମ ମାନଙ୍କରେ ନିଲାମ ଦେୟ ବକେୟା ରଖିଥିବା ବ୍ୟକ୍ତି ନିଲାମରେ ଅଂଶ ଗ୍ରହଣ କରିପାରିବେ ନାହିଁ । କର୍ତ୍ତୃପକ୍ଷ କୌଣସି କାରଣ ନ ଦର୍ଶାଇ ନିଲାମ ଖାରଜ କିମ୍ବା ସ୍ଥଗିତ କରିବାର ଅଧିକାର ଅଛି ।**

## ସର୍ତ୍ତାବଳୀ

୦୧. ଆବେଦନକାରୀ ମାନେ ଓଡ଼ିଶା ଲଘୁ ଖଣି ଦ୍ରବ୍ୟ ରିହାତି ଆଇନ ୨୦୧୬ ର ପରିସର ଭୁକ୍ତ ହେବେ ।

୦୨. ଲିଜ୍‌ଧାରୀ Mines Act 1952 ଓ Explosive Act 1984 ର ସମସ୍ତ ନିୟମ ଓ ନିୟମାବଳୀର ଅନ୍ତର୍ଭୁକ୍ତ ହେବେ ।

୦୩. ଲିଜ୍ ର ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ଓ ସର୍ବାଧିକ Additional Charge ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀଙ୍କୁ ଲିଜ୍ ଦିଆଯିବ ।

୦୪. ସର୍ବୋଚ୍ଚ Additional Charge ଦାଖଲ ପାଇଁ ଦରଖାସ୍ତ କରିଥିବା ଆବେଦନକାରୀ ଲିଜ୍ ନ ନେଲେ ତତ୍‌ପରବର୍ତ୍ତୀ ସର୍ବୋଚ୍ଚ ଆବେଦନକାରୀଙ୍କୁ ଲିଜ୍ ନେବାର ସୁଯୋଗ ଦିଆଯିବ କିମ୍ବା ଦୁଇ ଆବେଦନକାରୀଙ୍କ ଦର୍ଶାଯାଇଥିବା Additional Charge ର ମୂଲ୍ୟ ସମାନ ପରିଲିଖିତ ହୁଏ ତେବେ ତାହା ଧର୍ମଗୋଳା ମାଧ୍ୟମରେ ( By draw of lots) ନିଲାମଧାରୀ ଚୟନ କରାଯିବ ।